## ଉ.ପା ସରକାର ଶାସନ କରିବାର ଇଚ୍ଛା ଶକ୍ତି ହରାଇ ବସିଛନ୍ତି କି ?

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା ।**

**ତା.୧୯.୧୨.୨୦୧୩**

ଉ.ପା ସରକାରଙ୍କୁ ବିଭିନ୍ନ ପ୍ରକାରର ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି । ସରକାର ଆଜି ନିଷ୍ପତ୍ତି ବିହୀନ ହୋଇଯାଇଛନ୍ତି । ଦେଶର ଅର୍ଥନୀତି ଆଜି ଦୁଃସ୍ଥ ଅବସ୍ଥାରେ ଉପନୀତ । ସରକାରରେ ଆଜି ମନ୍ତ୍ରୀମାନଙ୍କ ମଧ୍ୟରେ କୌଣସି ଏକତାନାହିଁ । ଭ୍ରଷ୍ଟାଚାର ଯୋଗୁଁ ଆଜି ସରକାରଙ୍କ ପ୍ରତିଛବି ମଧ୍ୟ କ୍ଷତ ବିକ୍ଷତ ଅବସ୍ଥାରେ ।

ପ୍ରଧାନମନ୍ତ୍ରୀଙ୍କୁ କେବେ ମଧ୍ୟ କଂଗ୍ରେସର ମୁଖ୍ୟ ନେତା ଭାବରେ ଗ୍ରହଣ କରାଯାଉନଥିବା ବେଳେ ବର୍ତ୍ତମାନ ଯେଉଁ ନେତାଙ୍କୁ ସାମ୍ନାଙ୍କୁ ଆଣୁଛନ୍ତି ସେ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଯୋଗ୍ୟ ମନେ ହୁଅନ୍ତି ନାହିଁ । ଫଳରେ କଂଗେସ ଦଳରେ ଆଜି ନୈରାଶ୍ୟର ଛାୟା ଖେଳିଯାଇଛି । ଯେପରି ଉ.ପା ସରକାର ଶାସନ କରିବାର ଓ ତାହାର ନେତାମାନେ ଲଢ଼ିବାର ଇଚ୍ଛାଶକ୍ତି ହରାଇ ବସିଛନ୍ତି । ହେଲେ ଦଳର ନେତାଙ୍କର ଔଦ୍ଧତ୍ୟ ହ୍ରାସ ପାଇବାର ନାମ ଗନ୍ଧନାହିଁ । ସେମାନେ ମନେ କରୁଛନ୍ତି କି କ୍ଷମତା ଆଦୌ କ୍ଷୟଶୀଳ ନୁହେଁ ଏବଂ କୌଣସି ରାଜନୈତିକ ଦଳ ତାଙ୍କୁ ହଟାଇ ପାରିବନାହିଁ । ହେଲେ ଜନତା ଏହାକୁ ସହଜରେ ହଜମ କରିପାରିବେନାହିଁ । ଯାହକି ବର୍ତ୍ତମାନ ନିର୍ବାଚନର ଫଳାଫଳରୁ ସ୍ପଷ୍ଟ ହୋଇଅଛି । ଲୋକପାଳ ବିଲ ଯାହାକୁ ଗ୍ରହଣ କରିବାକୁ କଂଗ୍ରେସ ସରକାର ମନା କରିଆସୁଥିଲେ, ଆନ୍ନା ଟିମ ସହ ବୁଝାମଣା ପାଇଁ ମନା କରିଦେଇଥିଲେ ଓ ୨୯.୧୨.୨୦୧୧ ରେ ହୋଇଥିବା ବିବେଚନା କମିଟିର ସଂଶୋଧନକୁ ମଧ୍ୟ ଗ୍ରହଣ କରିବାକୁ ରାଜି ନଥିଲେ ଓ ମଧ୍ୟରାତ୍ରିରେ ସଦନକୁ ସ୍ଥଗିତ କରିଥିଲେ ସେହି କଂଗ୍ରେସ ସରକାର ଆଜି ନିଜ ଔଦ୍ଧତ୍ୟକୁ ପଛରେ ପକାଇ ଲୋକପାଳ ବିଲକୁ ଗ୍ରହଣ କରିଛନ୍ତି ।

ତେବେ ଉ.ପା ସରକାରଙ୍କର ଏ.ଏ.ପି ଦଳ ନେଇ ଯୋଜନା କଅଣ ? ଏହା କହିଲେ ମଧ୍ୟ ସତ୍ୟ ହେବନି କି ଏ.ଏ.ପି କଂଗ୍ରେସର ଡ଼ାହାଣ ହାତ ବୋଲି । କାରଣ ଆଜି କଂଗ୍ରେସ ଏ.ଏପି ଟିମର ଡ଼ାହାଣ ହାତ ହେବାକୁ ରାଜି ହୋଇଅଛି । ତେଲେଙ୍ଗାନା କ୍ଷେତ୍ରରେ ପାର୍ଟି ଡ୍ରାଫ୍ଟକୁ ଆଗକୁ ବଢ଼ିବାର ସୁଯୋଗ ଦେଉଛନ୍ତି । ସ୍ୱଭାବିକ ଭାବରେ ସେଠାରେ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ହେବ । ତେଣୁ ସେ ଉଭୟ ଅଞ୍ଚଳରୁ ପ୍ରତିନିଧିଙ୍କୁ ଗୋଟିଏ ଟେବୁଲ ଉପରକୁ ଡ଼କାଇ ଆଲୋଚନା କରୁଅଛି ।

ହେଲେ ଏ ଦେଶର ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ , ନିଜ ନିଷ୍ପତ୍ତିରେ ଅଟଳ ରହିବା ପାଇଁ ତଥା ଭ୍ରଷ୍ଟାଚାର ପଥରୁ ଦେଶକୁ ବିଚ୍ୟୁତ କରିବା ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରୁନାହିଁ । ସେ ନିଜ ଭୂଲରୁ ମଧ୍ୟ କୌଣସି ଶିକ୍ଷା ଗ୍ରହଣ କରୁନାହିଁ । ଜେ.ପି.ସି ର ରିପୋର୍ଟ ଦ୍ୱାରା ଘଣ୍ଟ ଘୋଡ଼ାଇ ନିଜ ଭୂଲ ଲୁଚାଇବ କଅଣ ବରଂ ଆହୁରି ନିଜର ପ୍ରତିଛବିକୁ ନଷ୍ଟ କରିବାରେ ଲାଗୁଛି । ଗତ କାଲି ପାର୍ଲିଆମେଣ୍ଟ ଅଧିବେଶନରେ ଗୃହମନ୍ତ୍ରୀ ସାମ୍ପ୍ରଦାୟିକ ହିଂସା  ବିରୋଧୀ ବିଲକୁ ରାଜ୍ୟସଭାକୁ ଆଣିଥିଲେ । ଉକ୍ତ ବିଲ ଦ୍ୱାରା ସମାଜ ଭାଗ ଭାଗରେ ବିଭକ୍ତ ହେବା ସୁନିଶ୍ଚିତ ଏବଂ ଦେଶର ସଂଘୀୟ ଢ଼ାଞ୍ଚା ଉପରେ କୁଠାରଘାତ କରୁଅଛି କହିଲେ ମଧ୍ୟ ଭୂଲ ହେବନାହିଁ । ଯଦିଓ ଗୃହମନ୍ତ୍ରାଳୟ ତରଫରୁ ବିଲକୁ ଏକ ଲିଖିତ ଚିଠା ଆକାରରେ ଅଣାଯାଇନାହିଁ ତାହା ଭବିଷ୍ୟତରେ ପୁଣି ଉତ୍ଥାପିତ ହେବ । ତେଣୁ ବର୍ତ୍ତମାନର ସରକାରକୁ ଏକ ପଙ୍ଗୁ ସରକାର ବୋଲି କହିଲେ ଭୂଲ ହେନାହିଁ ।